କମ୍ପାନୀ ପାଇଁ ଜମି ଅଧିଗ୍ରହଣ: ସୁପ୍ରିମ୍ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ରାଜ୍ୟ ସରକାରମାନଙ୍କ ବେଆଇନ୍ କାର୍ଯ୍ୟଧାରା

ସମସ୍ତେ ଜାଣନ୍ତି, ୧୯୮୪ରେ ସଂଶୋଧିତ ଜମି ଅଧ୍ରିହଣ ଆଇନ୍, ୧୮୯୪ ଅନୁଯାୟୀ କେନ୍ଦ୍ର କିମ୍ବା ରାଜ୍ୟ ସରକାର ସାର୍ବଜନୀନ ଉଦ୍ଦେଶ୍ୟରେ ଅଥବା ଏକ ଘରୋଇ କମ୍ପାନୀ ଉଦ୍ଦେଶ୍ୟରେ ଘରୋଇ ଜମି ଅଧିଗ୍ରହଣ କରିବାର ବ୍ୟବସ୍ଥା ଅଦ୍ୟାବଧି ପ୍ରଚଳିତ ରହିଛି । କିନ୍ତୁ ସରକାର ଏହି ଆଇନ୍ ଅଧୀନରେ ଧାରା ୪(୧) ବଳରେ ବିଜ୍ଞପ୍ତି କଲାବେଳେ ଅଥବା ଧାରା ୬ ବଳରେ ଘୋଷଣା କଲାବେଳେ ସ୍ପଷ୍ଟଭାବେ ଉଲ୍ଲେଖ କରିବେ ଯେ ପ୍ରସ୍ତାବିତ ଜମି ସାର୍ବଜନୀନ ଉଦ୍ଦେଶ୍ୟରେ ନା ଘରୋଇ କମ୍ପାନୀ ଉଦ୍ଦେଶ୍ୟରେ ଅଧିଗୃହୀତ ହେବାକୁ ଯାଉଛି । ଏହି ଆଇନ୍‌ଗତ ସ୍ଥିତି କାଏମ୍ ଥିବା ସତ୍ତ୍ୱେ ଏହାକୁ ଉଲ୍ଲଂଘନ କରି ପ୍ରାୟ ସବୁ ରାଜ୍ୟ ସରକାର କମ୍ପାନୀ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କଲାବେଳେ ତାକୁ ମଧ୍ୟ ସାର୍ବଜନୀନ ଉଦ୍ଦେଶ୍ୟ ବୋଲି ଦର୍ଶାଇ ଆସୁଛନ୍ତି । ଦ୍ୱିତୀୟତଃ ପ୍ରଚଳିତ ଆଇନ୍‌ର ଆଉ ଏକ ଉଲ୍ଲଂଘନ ସେମାନେ ଘଟାଇ ଚାଲିଛନ୍ତି; ତାହା ହେଲା, କମ୍ପାନୀ ଉଦ୍ଦେଶ୍ୟରେ ଘରୋଇ ଜମି ଅଧିଗ୍ରହଣର ଏକ ସ୍ୱତନ୍ତ୍ର ଏବଂ ସୁନିର୍ଦ୍ଦିଷ୍ଟ ପ୍ରକ୍ରିୟା ଏହି ଆଇନ୍ ଅଧିନରେ ଅଧ୍ୟାୟ-୭ ତଥା ଜମି ଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ରେ ନିର୍ଦ୍ଦେଶିତ ହୋଇଥିବା ସତ୍ତ୍ୱେ ସେମାନେ ଏହାକୁ ମୋଟେ ଧ୍ୟାନ ନଦେଇ ଅଧ୍ୟାୟ-୨ରେ ସାର୍ବଜନୀନ ଉଦ୍ଦେଶ୍ୟରେ ଜମିଅଧିଗ୍ରହଣ ପାଇଁ ସୂଚୀତ ହୋଇଥିବା ପ୍ରକ୍ରିୟାକୁ ଅନ୍ଧଭାବେ ଅନୁସରଣ କରିଚାଲିଛନ୍ତି । ତୃତୀୟତଃ ଉପରୋକ୍ତ ନିୟମାବଳୀ ଅନୁଯାୟୀ କମ୍ପାନୀ ଉଦ୍ଦେଶ୍ୟରେ କୃଷି ଜମିକୁ ଅଧିଗ୍ରହଣ କରାଯିବା କ୍ଷେତ୍ରରେ କଟକଣା ଥିବାବେଳେ ରାଜ୍ୟସରକାରମାନେ ସେଥିପ୍ରତି ଆଦୌ ଭ୍ରୁକ୍ଷେପ କରୁନାହାନ୍ତି । ସର୍ବୋପରି, ଉପରୋକ୍ତ ନିୟମାବଳୀକୁ ଯଥାର୍ଥରେ କାର୍ଯ୍ୟକାରୀ କରିବାକୁ ହେଲେ ସରକାର କମ୍ପାନୀ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବା ସକାଶେ ଧାରା ୪(୧) ବା ଧାରା ୬ ଅଧୀନରେ ବିଜ୍ଞପ୍ତି କିମ୍ବା ଘୋଷଣା ପ୍ରକାଶ କରିବା ଅଥବା ଧାରା ୩୯ ଅଧୀନରେ କମ୍ପାନୀ ସହିତ ଚୁକ୍ତିନାମା କରିବା ପୂର୍ବରୁ ସଂପୃକ୍ତ ଜମିର ସ୍ୱତ୍ତ୍ୱାଧିକାରୀମାନଙ୍କ ସହ ଆଲୋଚନା କରି ଜମି ବାବଦ କ୍ଷତିପୂରଣର ଆନୁମାନିକ ଅର୍ଥରାଶି ସମ୍ବନ୍ଧରେ ଏକ ମୋଟାମୋଟି ନିଷ୍ପତ୍ତିରେ ପହଞ୍ଚି ସାରିଥିବା ଜରୁରୀ । କିନ୍ତୁ ଏହି ବ୍ୟବସ୍ଥାକୁ ମଧ୍ୟ ସରକାର ଉପେକ୍ଷା କରି ପ୍ରଥମେ କମ୍ପାନୀ ସହିତ ଚୁକ୍ତିନାମା କରୁଛନ୍ତି, ଓ ତା'ପରେ ଜମିଅଧିଗ୍ରହଣ ସମ୍ବନ୍ଧରେ ବିଜ୍ଞପ୍ତି ତଥା ଘୋଷଣା ଜାରି କରୁଛନ୍ତି, ଯାହାକି ବର୍ତ୍ତମାନ ସର୍ବତ୍ର ବିସ୍ଥାପନ-ବିରୋଧି ଜନ ଆନ୍ଦୋଳନକୁ ଖୋରାକ୍ ଯୋଗାଉଛି ।

ପଞ୍ଜାବ ସରକାରଙ୍କୁ ଠୋକର

ସରକାରୀ ଉଦ୍ୟମରେ ଘରୋଇ କମ୍ପାନୀମାନଙ୍କ ପାଇଁ ଜମିଅଧିଗ୍ରହଣ ପକ୍ରିୟାରେ ପରିଲକ୍ଷିତ ଉପରୋକ୍ତ ଉଲ୍ଲଂଘନଗୁଡିକୁ ସୁପ୍ରିମ୍ କୋର୍ଟଙ୍କ ଏକ ଦୁଇଜଣିଆ ଖଣ୍ଡପୀଠ (ବିଚାରପତି ଏସ୍.ବି.ସିହ୍ନା ଏବଂ ହରଜିତ୍ ସିଂ ବେଦୀ) ସବିଶେଷ ତର୍ଜମା କରିଛନ୍ତି ଗତ ୧୨ ଅକ୍ଟୋବର ୨୦୦୭ରେ 'ଦେବେନ୍ଦର ସିଂ ଏବଂ ଅନ୍ୟମାନେ ବନାମ ପଞ୍ଜାବ ସରକାର ଓ ଅନ୍ୟମାନେ' ଶୀର୍ଷକ ଏକ ଅପିଲ୍ କେଶ୍‌ର ଫଇସଲାରେ । ଏହି କେଶ୍‌ରେ ରାଜ୍ୟ ସରକାରଙ୍କ ଓକିଲ ଥିଲେ ଶ୍ରୀ ସୋଲି ଜେ. ସରାବ୍‌ଜୀ ଏବଂ ଅପିଲ୍‌କାରୀ କୃଷକମାନଙ୍କ ପକ୍ଷରୁ ଲଢୁଥିଲେ ଶ୍ରୀ ପି.ଏନ୍.ଲେଖି । ଇଣ୍ଟରନେସନାଲ୍ ଟ୍ରାକ୍ଟରସ୍ ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀର ଏକ ପ୍ରକଳ୍ପ ପାଇଁ ହୋସିଆର୍‌ପୁର ଜିଲ୍ଲା ଅନ୍ତର୍ଗତ ଗୁଜରାଣ୍ ତହସିଲ୍‌ର ଏକ ଗ୍ରାମରେ କିଛି କୃଷିଜମିକୁ ଅଧିଗ୍ରହଣ କରିବା ପାଇଁ ପଞ୍ଜାବ ସରକାର ଧାରା ୪ ଓ ୬ ଅଧୀନରେ ଯଥାକ୍ରମେ ବିଜ୍ଞପ୍ତି ଓ ଘୋଷଣା ପ୍ରକାଶନ କରିବା ସହିତ ସେହି କମ୍ପାନୀ ସହ ଧାରା ୩୯ ଅନୁଯାୟୀ ଚୁକ୍ତିନାମା କରିସାରିଥିଲେ ଏବଂ ପରବର୍ତ୍ତୀ ଅବସ୍ଥାରେ ଧାରା ୯ ଅନୁଯାୟୀ କ୍ଷତିପୂରଣ ପାଇଁ ଦାବୀ ଆହ୍ୱାନ୍ କରି ବିଜ୍ଞପ୍ତି ଜାରି କରିଥିଲେ ଏବଂ ଧାରା ୧୧ ଅଧୀନରେ କ୍ଷତିପୂରଣ ଅର୍ଥରାଶି ଘୋଷଣା କରିସାରିଥିଲେ । ଉପରୋକ୍ତ ସମସ୍ତ ବିଜ୍ଞପ୍ତି ଓ ଘୋଷଣାରେ ପ୍ରସ୍ତାବିତ ଜମିଅଧିଗ୍ରହଣକୁ ସାର୍ବଜନୀନ ଉଦ୍ଦେଶ୍ୟରେ କରାଯାଉଛି ବୋଲି ଦର୍ଶାଯାଇଥିଲା । ପୁଣି ସାର୍ବଜନୀନ ଉଦ୍ଦେଶ୍ୟକୁ ଆଇନ୍‌ଗତ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ଜମିବାବଦ କ୍ଷତିପୂରଣ ପାଣ୍ଠିରେ ନିଜେ ମଧ୍ୟ ଏକ ମାମୁଲି ଅର୍ଥରାଶି ଶହେ ଟଙ୍କା ଦାଖଲ କରିଥିଲେ । ବ୍ୟଥିତ କୃଷକମାନେ ପ୍ରଥମେ ପଞ୍ଜାବ ହାଇକୋର୍ଟରେ ଏହି ଜମି ଅଧିଗ୍ରହଣ ବିରୁଦ୍ଧରେ ଅପିଲ୍ କଲେ, କିନ୍ତୁ ହାଇକୋର୍ଟ କମ୍ପାନୀ ପାଇଁ ଜମି ଅଧିଗ୍ରହଣକୁ ସାର୍ବଜନୀନ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି ବର୍ଣ୍ଣନା କରି ଆଇନ୍‌ର ଅଧ୍ୟାୟ-୨ ଅନୁଯାୟୀ ଗ୍ରହଣ କରାଯାଇଥିବା ସରକାରୀ ପଦକ୍ଷେପକୁ କାଏମ୍ ରଖିଥିଲେ । ତତ୍‌ପରେ ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ସୁପ୍ରିମ୍ କୋର୍ଟରେ ସେହି କୃଷକମାନଙ୍କ ଦ୍ୱାରା ଅପିଲ୍ କରାଯାଇଥିଲା । ସୁପ୍ରିମ୍ କୋର୍ଟ କେଶ୍‌ର ସମସ୍ତ ଦିଗକୁ ପୁନର୍ବିଚାର କରି ନିଜର ସୁବିସ୍ତୃତ ରାୟ ୧୨ ଅକ୍ଟୋବର ୨୦୦୭ରେ ଶୁଣାଇଥିଲେ । କମ୍ପାନୀ ପାଇଁ ଜମି ଅଧିଗ୍ରହଣ ବ୍ୟାପାରକୁ ଆଇନ୍‌ର ଅଧ୍ୟାୟ-୭ ତଥା ଜମିଅଧିଗ୍ରହଣ (କମ୍ପାନୀ) ନିୟମାବଳୀ, ୧୯୬୩ ଅନୁଯାୟୀ ପରିଚାଳନା କରିବାରେ ପଞ୍ଜାବ ସରକାର ବ୍ୟର୍ଥ ହୋଇଥିବାରୁ ତାଙ୍କର ପଦକ୍ଷେପକୁ ବେଆଇନ୍ ଘୋଷଣା କରିବା ସହିତ ସେହି ସରକାର ମୋକଦ୍ଦମା ଖର୍ଚ୍ଚ ବାବଦକୁ ଅପିଲ୍‌କାରୀଙ୍କୁ ୨୫,୦୦୦ଟଙ୍କା ପଇଠ କରିବେ ବୋଲି ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

ଅଧ୍ୟାୟ-୨ ଓ ଅଧ୍ୟାୟ-୭ ମଧ୍ୟରେ ପାର୍ଥକ୍ୟ

ଆଇନ୍‌ର ଅଧ୍ୟାୟ-୨ ଅନୁଯାୟୀ ସର୍ବସାଧାରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଇ ପାରିବ, କିନ୍ତୁ ଏକ ଘରୋଇ କମ୍ପାନୀ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ଅଧ୍ୟାୟ-୭ ଅନୁଯାୟୀ ପରିଚାଳିତ ହେବ । 'ସାର୍ବଜନୀନ ଉଦ୍ଦେଶ୍ୟ'ର ଏକ ବିସ୍ତୃତ ସଂଜ୍ଞା ଧାରା-୩(ଏଫ୍)ରେ ଦିଆଯାଇଛି,

ଯେଉଁଥିରେ ଅନ୍ତର୍ଭୁକ୍ତ ହେଉଛି ଗ୍ରାମାଞ୍ଚଳର ବିକାଶ, ନଗର ଉନ୍ନୟନ, କୌଣସି ସରକାରୀ ଯୋଜନା ବା ନୀତିର କାର୍ଯ୍ୟକାରିତା, ଭୂମିହୀନ ଓ ବିସ୍ଥାପିତ ମାନଙ୍କ ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ବସ୍ତି ସଫେଇ ଭଳି କାର୍ଯ୍ୟକ୍ରମ । କିନ୍ତୁ ତହିଁର ଶେଷଧାଡିରେ ଏକଥା ସ୍ପଷ୍ଟ କରିଦିଆଯାଇଛି ଯେ, କମ୍ପାନୀ ପାଇଁ ଜମି ଅଧିଗ୍ରହଣକୁ 'ସାର୍ବଜନୀନ ଉଦ୍ଦେଶ୍ୟ'ର ପରିସରଭୁକ୍ତ କରାଯାଇ ପାରିବ ନାହିଁ । ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଜମି ଅଧିଗ୍ରହଣର ପ୍ରକ୍ରିୟା ସାଧାରଣତଃ ଅଧ୍ୟାୟ-୨ରେ ଥିବା ଧାରା-୪ରୁ ୧୬ ଦ୍ୱାରା ପରିଚାଳିତ ହେବ ଏବଂ ଓ ସ୍ଥଳ ବିଶେଷରେ ଏଥିପାଇଁ ଧାରା-୧୭ରେ ନ୍ୟସ୍ତ ହୋଇଥିବା ଜରୁରୀକାଳୀନ କ୍ଷମତାର ପ୍ରୟୋଗ କରାଯାଇ ପାରିବ । କିନ୍ତୁ ଗୋଟିଏ ଘରୋଇ କମ୍ପାନୀ ପାଇଁ ଜମିଅଧିଗ୍ରହଣ କ୍ଷେତ୍ରରେ ଧାରା ୪ରୁ ୧୭ର ପ୍ରତ୍ୟକ୍ଷ ପ୍ରୟୋଗ କଦାପି ଆଇନ୍‌ସଙ୍ଗତ ନୁହେଁ; ଏଥିପାଇଁ ଅଧ୍ୟାୟ-୭ ଏବଂ ଏହାର ଆନୁଷଙ୍ଗିକ ବିଧାନ ଜମି ଅଧିଗ୍ରହଣ (କମ୍ପାନୀସମୂହ) ନିୟମାବଳୀ, ୧୯୬୩ ହିଁ ପୁରାମାତ୍ରାରେ ପ୍ରଯୁଜ୍ୟ । ପଞ୍ଜାବ ସରକାର ସଂପୃକ୍ତ ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣ କ୍ଷେତ୍ରରେ ଉଭୟ ଅଧ୍ୟାୟ-୨ ଓ ଅଧ୍ୟାୟ-୭କୁ ଗୋଳିଆମିଶା ଭାବେ ଅନୁସରଣ କରିଥିବାରୁ ତାହା ବର୍ଜନୀୟ (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୩୬, ସୁପ୍ରିମ୍ କୋର୍ଟ ରାୟ, କେଶ୍ ନଂ ଅପିଲ୍- ସିଭିଲ୍, ୪୮୪୩/୨୦୦୭ ତା ୧୨/୧୦/୨୦୦୭) ।

ଜମି ଅଧିଗ୍ରହଣ (କମ୍ପାନୀସମୂହ) ନିୟମାବଳୀ, ୧୯୬୩

ଲକ୍ଷ୍ୟ କରାଯାଇଛି ଯେ, ରାଜ୍ୟସରକାର ମାନେ ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣ କଲାବେଳେ ଅଧ୍ୟାୟ-୭ (କମ୍ପାନୀମାନଙ୍କ ପାଇଁ ଜମି ଅଧିଗ୍ରହଣ) ଅଧୀନସ୍ଥ ଧାରା-୪୧ ଅନୁଯାୟୀ ସଂପୃକ୍ତ କମ୍ପାନୀଙ୍କ ସହ ଏକ ଚୁକ୍ତିନାମା କରିଥାନ୍ତି, କିନ୍ତୁ ଏ କ୍ଷେତ୍ରରେ ସବିଶେଷ ମାର୍ଗଦର୍ଶୀକା ବହନ କରିଥିବା ତଥା ଏହି ଆଇନ୍‌ର ଧାରା ୫୫ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ 'ଜମି ଅଧିଗ୍ରହଣ (କମ୍ପାନୀସମୂହ) ନିୟମାବଳୀ, ୧୯୬୩'ର ମୌଳିକ ପ୍ରାବ୍‌ଧାନଗୁଡିକୁ ଏଡାଇ ଯାଇଥାନ୍ତି । ପ୍ରଥମତଃ ଏହାର ନିୟମ-୪(୧)ରେ କୁହାଯାଇଛି ଯେ, ଗୋଟିଏ କମ୍ପାନୀ ଜମି ପାଇଁ ଆବେଦନ କଲେ, ସରକାର ପ୍ରଥମେ ସଂପୃକ୍ତ ଅଞ୍ଚଳର ଜିଲ୍ଲାପାଳଙ୍କୁ କେତେକ ନିର୍ଦ୍ଦିଷ୍ଟ ବିଷୟରେ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେବେ, ଯେଉଁଥିରେ ଏହି ସର୍ତ୍ତ ଅଛି ଯେ, ସଂପୃକ୍ତ ଜମି ସାଧାରଣତଃ ଉତ୍ତମ ଚାଷଜମି ହୋଇନଥିବ ଏବଂ 'ଉତ୍ତମ ଚାଷଜମି' କହିଲେ ଗୋଟିଏ ଅଞ୍ଚଳର କୃଷି ଉତ୍ପାଦନର ହାରାହାରି ବା ତତୋଧିକ ପରିମାଣର କୃଷିଜାତ ଦ୍ରବ୍ୟ ସେହି ଜିମରୁ ଉତ୍ପନ୍ନ ହେଉଥବ ଏବଂ ବଗିଚା ଓ ତୋଟା ଜମି ମଧ୍ୟ ସେହି କିସମର ଜମି ଭିତରେ ଅନ୍ତର୍ଭୁକ୍ତ ହେବ । ନିୟମ ୪(୨)ରେ କୁହାଯାଇଛି ଯେ, ଯଦି ପ୍ରସ୍ତାବିତ ଜମି କୃଷିଜମି ହୋଇଥିବ, ତେବେ ଜିଲ୍ଲାପାଳ ବରିଷ୍ଠ କୃଷି ଅଧିକାରୀଙ୍କ ଠାରୁ ସେହି ଜମି 'ଉତ୍ତମ କୃଷିଜମି'କି ନୁହେଁ ତାହା ସୁନିଶ୍ଚିତ କରାଇବେ; ପୁଣି ସେ ନିର୍ଦ୍ଧାରଣ କରିବେ ଯେ, ସେହି ଜମିପାଇଁ କେତେ କ୍ଷତିପୂରଣ ମିଳିବା ଉଚିତ୍; ଏବଂ ସର୍ବୋପରି ସଂପୃକ୍ତ କମ୍ପାନୀ ଯଥୋଚିତ ଦାମ୍ ଦେବା ପାଇଁ ଆଗଭରତା ଦେଖାଇଛି କି ନାହିଁ । ନିୟମ ୪(୩) ଅନୁଯାୟୀ ଜିଲ୍ଲାପାଳ ଏହିସବୁ ବିଷୟରେ ତାଙ୍କର ଅନୁଧ୍ୟାନକୁ ସରକାରଙ୍କ ନିକଟକୁ ପଠାଇବେ ଏବଂ ସରକାର ଏହି ଅନୁଧ୍ୟାନକୁ ସବିଶେଷ ଭାବେ ବିଚାର କରିବା ପାଇଁ ନିୟମ-୩ ଅଧୀନରେ ସ୍ୱତନ୍ତ୍ରଭାବେ ଗଠିତ ଜମି ଅଧିଗ୍ରହଣ କମିଟିଙ୍କ ନିକଟକୁ ପଠାଇବେ । ନିୟମ ୪(୪) ଅନୁଯାୟୀ ସରକାର କମିଟିଙ୍କ ପରାମର୍ଶ ନନେଇ, ଜିଲ୍ଲାପାଳଙ୍କ ରିପୋର୍ଟକୁ ବିଚରକୁ ନନେଇ ତଥା ଆଗ୍ରହୀ ବ୍ୟକ୍ତିବିଶେଷଙ୍କର ଆପତ୍ତିଅଭିଯୋଗକୁ ନଶୁଣି ଜମି ଅଧିଗ୍ରହଣ ପାଇଁ ଧାରା-୬ ଅଧୀନରେ କୌଣସି ଘୋଷଣା ଜାରି କରିପାରିବେ ନାହିଁ । ଏହି ସମସ୍ତ ପ୍ରାବ୍‌ଧାନ ଗୁଡିକୁ ସାମଗ୍ରୀକ ଭାବେ ବିଚାରକୁ ନେଇ ସୁପ୍ରିମ୍ କୋର୍ଟ ମତ ଦେଇଛନ୍ତି ଯେ, "ନିୟମ-୪ର ଅନୁପାଳନ କେବଳ ଧାରା ୬ ନୁହେଁ, ଏପରିକି ଧାରା ୪ ଅଧୀନସ୍ଥ ବିଜ୍ଞପ୍ତି ଜାରି ହେବା ପୂର୍ବରୁ ସମାପ୍ତ ହୋଇଥିବା ଆବଶ୍ୟକ"(ଦ୍ରଷ୍ଟବ୍ୟ-ଅନୁଚ୍ଛେଦ ୪୫) । ଏହି ଦୃଷ୍ଟିରୁ ବିଚାର କଲେ, କେବଳ ପଞ୍ଜାବ ସରକାର ନୁହେଁ, ଓଡିଶା ସମେତ ବହୁ ରାଜ୍ୟ ଜମି ଅଧିଗ୍ରହଣ (କମ୍ପାନୀସମୂହ) ନିୟମାବଳୀ,୧୯୬୩କୁ ଉଲ୍ଲଂଘନ କରିଚାଲିଛନ୍ତି ।

ଓଡିଶା ସ୍ଥିତି

ଓଡିଶାରେ ଘରୋଇ କମ୍ପାନୀ ପାଇଁ କିପରି ଜମିଅଧିଗ୍ରହଣର ନୋଟିସ୍ ଦିଆଯାଏ, ତହିଁର ଗୋଟିଏ ନମୁନା ଏହି ପ୍ରକାରର- "ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଆଲୁମିନା ରିଫାଇନାରୀ ପ୍ରକଳ୍ପ ସକାଶେ ମୌଜା ନାରାୟଣପୁର, ଥାନା ଲାଞ୍ଜିଗଡ, ଜିଲ୍ଲା କଳାହାଣ୍ଡିରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ୱାରା ଘୋଷଣା କରା ଯାଉଅଛି କି ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ ୬୪ ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି । ଭୂ-ଅର୍ଜନ (ସଂଶୋଧିତ) ଆଇନ୍ , ୧୯୮୪ ଦ୍ୱାରା ସଂଶୋଧିତ ହେବା ପ୍ରକାରେ ୧୮୯୪ର ଅଧିନିୟମର ଧାରା ୬ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ" (ଦ୍ରଷ୍ଟବ୍ୟ- ଓଡିଶା ଗେଜେଟ୍ ଅସାଧାରଣ, ସଂଖ୍ୟା ୧୬୬୪, ଅକ୍ଟୋବର ୬, ୨୦୦୫) । ଏଠାରେ ଗୋଟିଏ ଘରୋଇ କମ୍ପାନୀର ପ୍ରକଳ୍ପକୁ ସାର୍ବଜନୀନ ଉଦ୍ଦେଶ୍ୟ ବୋଲି ଦର୍ଶାଯାଇଛି ଏବଂ ଏ ପ୍ରକାର ଘୋଷଣା ପ୍ରକାଶନ ପୂର୍ବରୁ ଜମି ଅଧିଗ୍ରହଣ (କମ୍ପାନୀସମୂହ) ନିୟମାବଳୀ, ୧୯୬୩ର ଅନୁପାଳନ ହୋଇଛି ବୋଲି କୌଣସି ପ୍ରମାଣ ଉପଲବ୍ଧ ନାହିଁ । ସୁତରାଂ ଘରୋଇ କମ୍ପାନୀମାନଙ୍କ ସ୍ୱାର୍ଥରେ ଓଡିଶା ସରକାରଙ୍କ ଏତାଦୃଶ ଜମି ଅଧିଗ୍ରହଣ ପ୍ରକ୍ରିୟା ଠିକ ସେତିକି ଅବୈଧ, ଯେତିକି ସୁପ୍ରିମ୍ କୋର୍ଟଙ୍କ ବିଚାରରେ ଉପରୋକ୍ତ ମାମଲାରେ ପଞ୍ଜାବ ସରକାରଙ୍କର ପ୍ରକ୍ରିୟା ଥିଲା ।

Chitta Behera, 4A Jubilee Tower, Choudhury Bazar, Cuttack-9, , dt 11 Jan. 2008
Email: **chittabehera1@yahoo.co.in**, **Mobile: 94375-77546**